# DIRECTORATE OF TEACHER EDUCATION AND SCERT, ODISHA, BHUBANESWAR

**No.** 2853 **Date** 1/7/24

**SCERT-AP-FLN-0002-2024**

## Educational Information

**From**

**The Director,**
**TE and SCERT,**
**Odisha, Bhubaneswar**

**To**

**The State Project Director,**
**Odisha School Education Programme Authority,**
**Bhubaneswar.**

**Sub: Sharing of Lesson Plans on Literacy and Numeracy for the month of July,2024.**

**Madam,**

In inviting the subject cited above, I am to inform you that this Directorate has prepared lesson plans on Literacy and Numeracy (Mono-grade and Multi-grade) for classes 1,2 & 3 for the month of July, 2024 (copy enclosed), which shall reach to CRCCs and all FLN grade teachers so that the teacher can transact the lessons in the classroom and shared their experience during the Cluster Level Meeting.

In this connection, you are requested to send the lesson plans to the CRCCs and the teachers to take further action at their end.

**Encl :-** As above

**Yours faithfully**

**Director**
1/7/2024

**Memo No.** 2854 **Dt.** 1/7/24

Copy forwarded to **the Director, Elementary Education, Odisha,Bhubaneswar** for information and necessary action with a request to impress upon the DEOs and BEOs to make the lesson plans available in all the Elementary Schools for Classroom transaction.

**Director**
1/7/2024

**Memo No.** 2855 **Dt.** 1/7/24

Copy forwarded to **the District Education Officers,** for information and necessary action. They are requested to ensure that all the lesson plans shall reach the FLN grade teachers on or before 05.07.2024. The teachers shall transact the lessons and shared their experiences during Cluster Level Meeting.

**Director**
1/7/2024

**Memo No.** 2856 **Dt.** 1/7/24

Copy forwarded to **the Principals of all DIETs** for information and necessary action. They are requested to inform the CRCCs that the lesson plans are used by the FLN grade teachers in all the schools.

**Director**
1/7/2024

**Memo No.** 2857 **Dt.** 1/7/24


Copy forwarded to **the Senior Private Secretary to the Commissioner-cum-Secretary, Department of School and Mass Education, Odisha, Bhubaneswar** for kind information of the Commissioner-cum-Secretary.

**Director**
1/7/2024

ଭାଷା ଶିକ୍ଷଣ ପାଇଁ ୧୨୦ ମିନିଟର ନମୁନା ପାଠ ଯୋଜନା (ଶ୍ରେଣୀ – ତୃତୀୟ )

(ମାସ – ଜୁଲାଇ ସପ୍ତାହ – ଷଷ୍ଠ ଦିବସ – ପ୍ରଥମ)

**ପ୍ରଥମ ପିରିୟଡ଼ - (ମୌଖିକ ଭାଷା ବିକାଶ ଓ ଲିଖନ): (ସମୟ – ୪୦ ମିନିଟ)**



ଶିକ୍ଷଣ କାର୍ଯ୍ୟ ୧: 'ଚିତ୍ର ଆଧାରିତ ଆଲୋଚନା' (ସକ୍ରିୟାତ୍ମକ କାର୍ଯ୍ୟ) (୧୦ ମିନିଟ୍)

ଶିକ୍ଷଣ ସାମଗ୍ରୀ: 'ଷଣ୍ଢ ଲଢ଼େଇ' ( ଚିତ୍ର ପୋଷ୍ଟର )

ଶିକ୍ଷଣ ପ୍ରକ୍ରିୟା -

- ଶିକ୍ଷକ ପିଲାଙ୍କୁ 'U' ଆକାରରେ ବସାଇ ଚିତ୍ରପୋଷ୍ଟର (ଷଣ୍ଢ) ଦେଖିବାକୁ କହିବେ । ପିଲାମାନଙ୍କ ଆଗରେ ଚିତ୍ର ପୋଷ୍ଟରଟି ଟାଙ୍ଗିଦେବେ ଓ ଭଲ ଭାବରେ ଦେଖିବାକୁ କହିବେ ।
- ତପ୍ରରେ ନିମ୍ନ ପ୍ରଶ୍ନଗୁଡ଼ିକ ମାଧମରେ ଆଲୋଚନାକୁ ଆଗେଇ ନେବେ ଓ ଚିତ୍ର ଆଧାରିତ କିଛି ନିର୍ଦ୍ଦିଷ୍ଟ ଉତ୍ତରମୂଳକ ପ୍ରଶ୍ନ ପଚାରିବେ ।

  ପ୍ରଶ୍ନ ନଂ. ୧ – ଚିତ୍ରରେ କ'ଣ ସବୁ ଦେଖୁଛ ?

  ୨ – ତୁମେ କେବେ ଏପରି ଷଣ୍ଢ ଲଢ଼େଇ ଦେଖିଛ କି ?

  ୩ – ଚିତ୍ରଟି କେଉଁଠିକାର ହୋଇଥିବ ?

  **ବିଶେଷ ସୂଚନା: ଶିକ୍ଷକ ପିଲାଙ୍କୁ ୬-୭ ଟି ନିର୍ଦ୍ଦିଷ୍ଟ ଉତ୍ତରମୂଳକ ପ୍ରଶ୍ନ ପଚାରିବେ ଓ ପ୍ରତ୍ୟେକ ପ୍ରଶ୍ନର ଉତ୍ତର ୩-୪ ଟି ପିଲାଙ୍କ ଠାରୁ ଆଦାୟ କରିବେ (ଯଦ୍ବାରା ସବୁ ପିଲାଙ୍କୁ କହିବାର ସୁଯୋଗ ମିଳିବ)**

- ଶେଷରେ ପିଲାଙ୍କୁ କିଛି ଚିନ୍ତା ଓ ପ୍ରତ୍ୟାଶା ମୂଳକ ପ୍ରଶ୍ନ ପଚାରି ଆଲୋଚନାରେ ଯୋଡ଼ିବେ, ଯେପରି –

  ପ୍ରଶ୍ନ ନଂ. ୧ – ଗାଡ଼ି ପାଖରେ ଲୋକଟି ତଳେ ପଡ଼ିଯାଇଛି କାହିଁକି ?

  ୨- ଷଣ୍ଢ ଲଢ଼େଇ କିପରି ଶାନ୍ତ ହୋଇଥିବେ ? ତୁମେ ସେଇଠି ଥିଲେ କ'ଣ କରିଥାଆନ୍ତ ?

**ବିଶେଷ ସୂଚନା: ଶିକ୍ଷକ ପିଲାଙ୍କୁ ୩-୪ ଟି ଚିନ୍ତା ଓ ପ୍ରତ୍ୟଶାମୂଳକ ପ୍ରଶ୍ନ ପଚାରିବେ ଓ ପ୍ରତ୍ୟେକ ପ୍ରଶ୍ନର ଉତ୍ତର ୩-୪ ଟି ପିଲାଙ୍କ ଠାରୁ ଆଦାୟ କରିବେ (ଯଦ୍ବାରା ସବୁ ପିଲାଙ୍କୁ କହିବାର ସୁଯୋଗ ମିଳିବ)**

ଶିକ୍ଷଣ କାର୍ଯ୍ୟ – ୨ -'କବିତା ଆବୃତ୍ତି'

ଶିକ୍ଷଣ ଫଳାଫଳ:

- କବିତାଟିକୁ ଉପଯୁକ୍ତ ସ୍ୱର, ଲୟ ଓ ଭାବଭଙ୍ଗୀ ସହିତ ଆବୃତ୍ତି କରିବେ ।
- କବିତାର ପଦକୁ ବୁଝି ନିଜ ଭାଷାରେ କହିବେ ଓ ଲେଖିବେ ।

ଶିକ୍ଷଣ ସାମଗ୍ରୀ: ଆମ ଭାଷା ଆମ ସାହିତ୍ୟ – ପାଠ୍ୟପୁସ୍ତକ

ଶିକ୍ଷଣ ପ୍ରକ୍ରିୟା (ପର୍ଯ୍ୟାୟ – ୧): 'ଚିତ୍ର ପଠନ'



(୫ ମିନିଟ୍)

- ଶିକ୍ଷକ 'ଚିତ୍ରରେ କ'ଣ ସବୁ ଦେଖୁଛ' ପିଲାମାନଙ୍କୁ ପ୍ରଶ୍ନ କରିବେ ।
- ପ୍ରତ୍ୟେକ ପିଲା ଯେପରି କହିବାର ସୁଯୋଗ ପାଆନ୍ତି, ସେଥିପ୍ରତି ଦୃଷ୍ଟି ଦେବେ ।

- ଶିକ୍ଷକ ପିଲାମାନଙ୍କୁ 'ବର୍ଷା  ହେଲେ ତୁମେ କ'ଣ ସବୁ କର' ବୋଲି ପ୍ରଶ୍ନ ପଚାରି ସେମାନଙ୍କର ଦୈନନ୍ଦିନ  ଅନୁଭୂତି ସହ କବିତାଟିକୁ ଯୋଡ଼ି ଆଲୋଚନା କରିବେ ।

ଶିକ୍ଷଣ ପ୍ରକ୍ରିୟା (ପର୍ଯ୍ୟାୟ ୨) : କବିତା ଆବୃତ୍ତି    (୧୦ମିନିଟ୍)

- ପ୍ରଥମେ ଶିକ୍ଷକ ଅଭିନୟ ଓ ସ୍ୱରର ଉତ୍ଥାନ ପତନ ସହିତ ସମ୍ପୂର୍ଣ୍ଣ କବିତାର ଆଦର୍ଶ ଆବୃତ୍ତି କରିବେ ।
- ଏହାପରେ ଶିକ୍ଷକଙ୍କୁ ଅନୁକରଣ କରି ପିଲାମାନେ ୧ମ ୪ ପଦର 'ପବନ ବହୁଛି .......... ହସିହସି' ପ୍ରତ୍ୟେକ ପଦକୁ ସାମୂହିକ ଆବୃତ୍ତି କରିବେ ।
- ପୁନଶ୍ଚ ଶିକ୍ଷକ ୧ମ ପଦଟିର ୧ମ ଧାଡ଼ିଟି/ପାଦଟି ଆବୃତ୍ତି କରିବେ ଓ ପିଲାମାନେ ସେହି ପଦର ୨ୟ ଧାଡ଼ି/ପାଦ ଆବୃତ୍ତି କରିବେ ।
- ଏହିପରି ପୁଣି ଓଲଟା କ୍ରମରେ କରାଯିବ ।

ଶିକ୍ଷଣ ପ୍ରକ୍ରିୟା (ପର୍ଯ୍ୟାୟ-୩): 'ଶବ୍ଦ ଲିଖନ'    (୫ ମିନିଟ୍)

- ଶିକ୍ଷକ ପିଲାମାନଙ୍କୁ ୧ମ ୪ ପଦରେ ଥିବା ଧାଡ଼ିଗୁଡ଼ିକୁ ପଢ଼ି 'ଝିପିଝିପି' ପରି ଆଉ କେଉଁସବୁ ଶବ୍ଦ ଅଛି ଖୋଜି ଲେଖିବା ପାଇଁ କହିବେ ।
- ଏହି କାର୍ଯ୍ୟପରେ ଶିକ୍ଷକ ନିଜେ/ପିଲାଙ୍କ ଖାତାର ଲେଖାଗୁଡ଼ିକୁ ଦେଖିବେ ଓ ସଂଶୋଧନ କରିବେ ।

ଶିକ୍ଷଣ ପ୍ରକ୍ରିୟା(ପର୍ଯ୍ୟାୟ – ୪) -କବିତାଂଶର ଆଲୋଚନା ଓ ନୂତନ ଶବ୍ଦ ପରିଚୟ (ଓଳି, ଅସୁମାରି ଓ ମେଲାଣି) (୫ମିନିଟ୍)

ଶିକ୍ଷଣ ସାମଗ୍ରୀ – ଆକାଶରେ କଳାହାଣ୍ଡିଆ ମେଘ ଦେଖାଯାଉଥିବା ଚିତ୍ର, ବର୍ଷା ହେଉଥିବା ଚିତ୍ର, ଚାଳରୁ ବର୍ଷାପାଣି ଝରୁଥିବା ଚିତ୍ର , ପାଣିରେ ଭାସୁଥିବା କାଗଜ ଡଙ୍ଗା, ଆକାଶରେ ଅସଂଖ୍ୟ ତାରା  ଥିବା ଚିତ୍ର

- ଶିକ୍ଷକ ଶିକ୍ଷଣ ସାମଗ୍ରୀର ନେଇଥିବା ଚିତ୍ରଗୁଡ଼ିକ ଦେଖାଇ ତା' ସହିତ ନିମ୍ନ ପ୍ରଶ୍ନ ପଚାରିବେ ଓ ଆଲୋଚନା କରିବେ (ଗୋଟିଏ ପରେ ଗୋଟିଏ ଚିତ୍ର ଦେଖାଇ) ।

  ପ୍ରଶ୍ନ ୧ – ଏହି ଚିତ୍ରଟି କେଉଁ ପଦ/ଧାଡ଼ି ସହିତ ସମ୍ପର୍କିତ, ତାହା ଆବୃତ୍ତି କର ଓ ଲେଖ ।
- ଶିକ୍ଷକ 'ଓଳିରୁ ବର୍ଷାପାଣି ପଡୁଥିବା ଚିତ୍ର ଦେଖାଇ' ପଚାରିବେ

  ପ୍ରଶ୍ନ ୨ – ବର୍ଷାପାଣି କେଉଁଠାରୁ ଝରିପଡୁଛି ?
- ଉତ୍ତର ଆଦାୟ ପରେ ଶିକ୍ଷକ ଚାଳର ତଳ ଅଂଶକୁ 'ଓଳି' କୁହାଯାଏ ବୋଲି ଆଲୋଚନା ମାଧ୍ୟମରେ ବୁଝାଇବେ ।
- ଶିକ୍ଷକ ଆକାଶରେ ଅସଂଖ୍ୟ ତାରାର ଚିତ୍ର ଦେଖାଇ ବାକ୍ୟଟିଏ କହିବେ → ଆକାଶରେ ଅସୁମାରି ତାରା ଅଛନ୍ତି ।

  ପ୍ରଶ୍ନ ୩ – ଏଠାରେ ଅସୁମାରି କହିଲେ କ'ଣ ବୁଝ ?

  (ଶିକ୍ଷକ ଯାହା ସହଜରେ ଗଣିହୁଏ ନାହିଁ, ତାହା ଅସଂଖ୍ୟ ବା ଅସୁମାରି ବୋଲି ପିଲାଙ୍କୁ ବୁଝାଇଦେବେ ।)

**ବି. ଦ୍ର. – ଏହିଭଳି ଭାବରେ ଅନ୍ୟ ନୂତନ ଶବ୍ଦଗୁଡ଼ିକର ଅର୍ଥ ବୁଝିବା ନିମନ୍ତେ ଶିକ୍ଷକ ବିଭିନ୍ନ ଶୈଳୀ ଅବଲମ୍ବନ କରିବେ ଓ କବିତା ଶିକ୍ଷଣ ପ୍ରତି ଆଗ୍ରହ ସୃଷ୍ଟି କରାଇବେ ।**

ଶିକ୍ଷଣ ପ୍ରକ୍ରିୟା (ପର୍ଯ୍ୟାୟ – ୫) -'କବିତାର ରସବୋଧ ଆଲୋଚନା    (୫ ମିନିଟ୍)

- ଶିକ୍ଷକ କବିତା ସମ୍ବନ୍ଧୀୟ ନିମ୍ନ ପ୍ରଶ୍ନଗୁଡ଼ିକ ପଚାରି ଉତ୍ତର ଆଦାୟ କରିବେ ଓ ଆବଶ୍ୟକ ସ୍ଥଳେ ସହାୟତା ଦେବେ ।

ପ୍ରଶ୍ନ ୧ – କେଉଁ କେଉଁ ମାସକୁ ବର୍ଷାଋତୁ କୁହାଯାଏ ?

୨ – ବର୍ଷା ସମୟରେ ଆକାଶରେ ତୁମେମାନେ କ'ଣ ସବୁ ଦେଖିଥାଅ ?

୩ – ବର୍ଷା ସମୟରେ ତୁମକୁ କ'ଣ ସବୁ କରିବାକୁ ଭଲ ଲାଗେ ?

୪ – କାଗଜ ଡଙ୍ଗା ଭସାଇବା ବେଳେ, ପିଲାଟି ତାକୁ କ'ଣ କହୁଛି ?

**ବି. ଦ୍ର. – ଶିକ୍ଷକ ଏହିଭଳି ଅନ୍ୟ କେତେକ ପ୍ରଶ୍ନ ପ୍ରସ୍ତୁତ କରି ବିଭିନ୍ନ ଶୈଳୀରେ ପିଲାଙ୍କ ପାଠଟିକୁ ବୁଝିବାରେ ସହାୟତା କରିବେ ।**

## ଦ୍ୱିତୀୟ ପିରିୟଡ଼ - (ଡିକୋଡିଂ ଓ ଲିଖନ): (ସମୟ – ୪୦ ମିନିଟ)

### ଶିକ୍ଷଣ ଫଳାଫଳ:

- ଶିକ୍ଷାର୍ଥୀମାନେ ପାଠଟିକୁ ସ୍ୱାଧୀନ ଭାବେ ପଢ଼ିବେ ଓ ପାଠ ସମ୍ପର୍କିତ ପ୍ରଶ୍ନର ଉତ୍ତର ମୌଖିକ ଓ ଲିଖିତ ଭାବେ ଦେବେ ।

**ଶିକ୍ଷଣ ସାମଗ୍ରୀ: କାର୍ଯ୍ୟପୁସ୍ତିକା**



### ଶିକ୍ଷଣ ପ୍ରକ୍ରିୟା -

### ଶିକ୍ଷଣ କାର୍ଯ୍ୟ – ୧ (ଚିତ୍ର ଆଧାରିତ ଆଲୋଚନା) - (୫ ମିନିଟ୍)

- ଶିକ୍ଷକ ସମସ୍ତ ପିଲାଙ୍କୁ କାର୍ଯ୍ୟପୁସ୍ତିକାର ପୃଷ୍ଠା ସଂଖ୍ୟା ୩୧ ଖୋଲିବାକୁ କହିବେ ।
- ଶିକ୍ଷକ ପାଠ-୩୧ (ଭାଲୁର ମାଛଖିଆ) ଅନୁଚ୍ଛେଦରେ ଦିଆଯାଇଥିବା ଚିତ୍ର ଓ ଶୀର୍ଷକ ଆଧାରରେ ପିଲାଙ୍କ ସହ ଆଲୋଚନା କରିବେ ।

ଶିକ୍ଷକ ପଚାରିବେ ,

ଶି : ଚିତ୍ରରେ କ'ଣ ଦେଖୁଛ ?

ଶି : ଚିତ୍ରରେ କ'ଣ ହେଉଛି ?

ଶି : ଚିତ୍ରଟି କେଉଁ ସ୍ଥାନର ହୋଇଥିବ ?

- ଶିକ୍ଷକ ପାଠଟିକୁ ପିଲାଙ୍କ ଜୀବନ ଅନୁଭୂତି ସହ ଯୋଡ଼ିବେ ।

ଯେପରି – ଜଙ୍ଗଲରେ କେଉଁ ଜୀବମାନେ ରହନ୍ତି ?

### ଶିକ୍ଷଣ କାର୍ଯ୍ୟ – ୨ (ଆଦର୍ଶ ପଠନ ଓ ଆଲୋଚନା) - (୧୦ ମିନିଟ୍)

- ଶିକ୍ଷକ 'ଭାଲୁର ମାଛଖିଆ' ପାଠର ଆଦର୍ଶ ପଠନ କରିବେ । (ଶିକ୍ଷକ ପାଠଟିକୁ ସ୍ୱରର ଉତ୍ଥାନ ପତନ ଓ ଭାବଭଙ୍ଗୀ ସହ ପଢ଼ିବେ)...... ଏହି ସମୟରେ ପିଲାମାନେ କାର୍ଯ୍ୟପୁସ୍ତିକାରୁ ଅନୁଚ୍ଛେଦଟିକୁ ଆଙ୍ଗୁଠି ରଖି ପଢ଼ିବେ ।
- କାହାଣୀଟି ପଢ଼ି ଶୁଣାଇବା ପରେ ପିଲାଙ୍କ ସହିତ ନିର୍ଦ୍ଦିଷ୍ଟ ଉତ୍ତରମୂଳକ ପ୍ରଶ୍ନ ପଚାରି ଆଲୋଚନା କରିବେ । ଯେପରି –

ଶିକ୍ଷକ ପଚାରିବେ ,

ଶି : ପୋଖରୀରେ ଭାଲୁ ସହିତ କିଏ ଖେଳନ୍ତି ?

ଶି : ଭାଲୁ କେଉଁଠି ଗାଧେଇବାକୁ ଯାଏ ?

ଶି : ଭାଲୁର କ'ଣ ଖାଇବା ପାଇଁ ମନ ବଳିଲା ?

- ତାପରେ ପିଲାଙ୍କୁ  ଚିନ୍ତା ଓ ପ୍ରତ୍ୟାଶାମୂଳକ ପ୍ରଶ୍ନ ପଚାରି ଆଲୋଚନା ଯୋଡ଼ିବେ, ଯେପରି –

ଶିକ୍ଷକ ପଚାରିବେ ,

ଶି : ମାଛମାନେ ଡରିକି କେଉଁଠି ପଳାଇଥିବେ ?

ଶି : ମାଛମାନେ କାହିଁକି ଡରିଗଲେ ?

ଶି : ମାଛ ସ୍ଥାନରେ ତୁମେ ଥିଲେ କ'ଣ କରିଥାଆନ୍ତ ?

ଶି : ଭାଲୁ ମାଛ ଖାଉଥିବାର ଦେଖି ଅନ୍ୟ ମାଛମାନେ କ'ଣ ଭାବିଥିବେ ?

### ଶିକ୍ଷଣ କାର୍ଯ୍ୟ – ୩    (ମାର୍ଗଦର୍ଶୀ ପଠନ) - (୧୦ ମିନିଟ୍)

- ଶିକ୍ଷକ ପିଲାଙ୍କୁ ଯୋଡ଼ାରେ ବା ଦଳରେ 'ଭାଲୁର ମାଛଖିଆ'  ପାଠଟିକୁ ପଢ଼ିବାକୁ କହିବେ ।
- ପିଲାମାନେ ପାଠ ପଢ଼ିବା ସମୟରେ ଶିକ୍ଷକ ପିଲାଙ୍କୁ ମାର୍ଗଦର୍ଶନ ଓ ସହାୟତା ପ୍ରଦାନ କରିବେ । (ଯେପରି – ପିଲାମାନେ ଯଦି କୌଣସି ଶବ୍ଦ ପଢ଼ିବାରେ ଅଟକୁଥିବେ, ସେଇଠି ଶିକ୍ଷକ ପିଲାଙ୍କର ମାର୍ଗଦର୍ଶନ କରିବେ ।)

### ଶିକ୍ଷଣ କାର୍ଯ୍ୟ –  ୪   (ପାଠ ଆଧାରିତ ଅଭ୍ୟାସ କାର୍ଯ୍ୟ) – (୧୫ ମିନିଟ୍)

- କାର୍ଯ୍ୟପୁସ୍ତିକାରେ ଦିଆଯାଇଥିବା ଅଭ୍ୟାସ କାର୍ଯ୍ୟକୁ କିପରି କରାଯିବ  ଶିକ୍ଷକ ସେ ବିଷୟରେ ପିଲାଙ୍କୁ ବୁଝାଇବେ ଓ ଆବଶ୍ୟକ ସ୍ଥଳେ ଉଦାହରଣ ଦେଇ ବୁଝାଇବେ ।  (ଶିକ୍ଷକ ପିଲାଙ୍କୁ କେବଳ ପ୍ରଶ୍ନ ୧ ଓ ୨କୁ କରିବାକୁ କହିବେ)
- ଶିକ୍ଷକ ୨ ନଂ ପ୍ରଶ୍ନରେ ଦିଆଯାଇଥିବା ଶବ୍ଦଗୁଡ଼ିକୁ କଳାପଟାରେ ଲେଖି ପିଲାଙ୍କୁ ପଢ଼ିବାର ଅଭ୍ୟାସ କରାଇବେ ।
- ପିଲାଙ୍କୁ କିଛି ଶବ୍ଦ ଓ ବାକ୍ୟ ଶ୍ରୁତଲିଖନ ଭାବେ ଡାକିବେ ।
- ଶେଷରେ ଶିକ୍ଷକ ପିଲାଙ୍କ କାର୍ଯ୍ୟପୁସ୍ତିକା ଦେଖି ଆବଶ୍ୟକ ସ୍ଥଳେ ସଂଶୋଧନ କରିବେ ।

## ତୃତୀୟ ପିରିୟଡ଼ -   (ପଠନ ଓ ଲିଖନ):                (ସମୟ – ୪୦ ମିନିଟ)

### ଶିକ୍ଷଣ କାର୍ଯ୍ୟ ୧: (ଧାରାପ୍ରବାହ ପଠନ)                (ସମୟ -୨୦ ମିନିଟ୍)

### ଶିକ୍ଷଣ ଫଳାଫଳ –

- ପିଲାମାନେ ପାଠଟିକୁ ଧାରାପ୍ରବାହ ଭାବେ ପଢ଼ିବ ଓ ବୁଝିବ ।

**ଶିକ୍ଷଣ  ସାମଗ୍ରୀ: କାର୍ଯ୍ୟପୁସ୍ତିକା, ୩୧ ପୃଷ୍ଠା – ପ୍ରଶ୍ନ ନଂ (୩)**

### ଶିକ୍ଷଣ ପ୍ରକ୍ରିୟା –

୩. ପଢ଼।

ନରେଶର ଦୋକାନଟିଏ ଥିଲା। ଜିନିଷ ବିକି ସେ ଭଲ ରୋଜଗାର କରୁଥାଏ। ଦିନେ ହଠାତ୍ ବିଜୁଳି କଟିଗଲା। ରମେଶ ପରେଶଙ୍କୁ ଫୋନ କଲା। ନରେଶ ଆସି ବିଜୁଳି ତାର ସଜାଡ଼ିଲା। ପରେଶର ଉପକାର ଯୋଗୁ ନରେଶର ଦୋକାନରେ ଆଲୁଅ ଜଳିଲା।

- ଶିକ୍ଷକ ପିଲାଙ୍କର ପଠନ ବେଗର (Reading Fluency) ମୂଲ୍ୟାୟନ କରିବା ପାଇଁ ନିଜ ପାଖରେ ଗୋଟିଏ ମୋବାଇଲ, ପେନସିଲ ଓ କାର୍ଯ୍ୟପୁସ୍ତିକା ରଖିବେ ।  ନିଜ ମୋବାଇଲରେ ୧ ମିନିଟ୍ ର ଟାଇମର ଦେବେ ।
- ଶିକ୍ଷକ ଗୋଟିଏ ପିଲାକୁ ନିଜ ପାଖକୁ ଡାକି ପିଲାଙ୍କୁ ଧାରାପ୍ରବାହ ପଠନ ପାଠଟିକୁ **(କାର୍ଯ୍ୟପୁସ୍ତିକା, ୩୧ ପୃଷ୍ଠା – ପ୍ରଶ୍ନ ନଂ (୩))** ପଢ଼ିବାକୁ ଦେବେ ।  ପିଲାଟି ପଢୁଥିବା ସମୟରେ ଶିକ୍ଷକ ପିଲାଟିର ପଠନ ବେଗର ଯାଞ୍ଚ କରିବେ ।

- ଯେତେବେଳେ ୧ ମିନିଟ୍ ସମୟ ଶେଷ ହୋଇଯିବ, ପିଲାଟି ଯେଉଁ ପର୍ଯ୍ୟନ୍ତ ପଢ଼ିଥିବ ଶିକ୍ଷକ ସେଠାରେ ଗୋଟିଏ ବନ୍ଧନୀର ଚିହ୍ନ ଦେବେ ଓ  ପିଲାଟି ଯେତୋଟି ଶବ୍ଦକୁ ଠିକଭାବେ ପଢ଼ିଥିବ, ତାର ସଂଖ୍ୟାକୁ ୩ ନଂ ପାଠ ତଳେ ଦିଆଯାଇଥିବା କୋଠରୀରେ ଲେଖିବେ ।
- ଧାରାପ୍ରବାହ ପଠନର ଆଭ୍ୟାସ ପାଇଁ ପ୍ରତିଦିନ ଉପରୋକ୍ତ ପ୍ରକ୍ରିୟାକୁ ୨୫% ପିଲାଙ୍କ ସହିତ କରିବେ ।
- ଯେତେବେଳେ ପିଲାଙ୍କ ପଠନ ବେଗର ମୂଲ୍ୟାୟନ କରାଯାଉଥିବ, ସେତେବେଳେ ଅନ୍ୟ ପିଲାମାନେ ୩ ନଂ ପାଠଟିକୁ ସ୍ୱାଧୀନ ଭାବେ ପଢ଼ିବେ ।
- ଶେଷରେ ପିଲାଙ୍କର ପାଠ ସମ୍ପର୍କିତ ଔଖ୍ୟକ ଆଲୋଚନା କରିବେ ଓ  ୨-୩ ପ୍ରଶ୍ନର ଉତ୍ତର ଲେଖିବାକୁ ପିଲାଙ୍କୁ କହିବେ ।

**ନିମ୍ନଲିଖିତ ମାପଦଣ୍ଡ ଅନୁସାରେ ପିଲାଙ୍କର ପଠନ ସ୍ତର ନିରୂପଣ କରାଯିବ ।**

| | |
|---|---|
| ସ୍ତର ୧ | ପିଲାଟି ଆଦୌ  ପଢ଼ିପାରିଲା ନାହିଁ  କିମ୍ବା ୫ ବା ୫ ରୁ କମ ଶବ୍ଦ ପଢ଼ିପାରିଲା |
| ସ୍ତର ୨ | ଅକ୍ଷର ଓ ମାତ୍ରା ଚିହ୍ନିପାରିଲା କିନ୍ତୁ ଶବ୍ଦଗୁଡ଼ିକ ଅଟକିଅଟକି ପଢ଼ିଲା |
| ସ୍ତର ୩ | ଶବ୍ଦଗୁଡ଼ିକ ଠିକ ଭାବେ ପଢ଼ିପାରିଲା କିନ୍ତୁ ବାକ୍ୟ ପଢ଼ିବାରେ ସାମସ୍ୟାର ସମ୍ମୁଖୀନ ହେଲା |
| ସ୍ତର ୪ | ପିଲାଟି ପୁରା ଅନୁଚ୍ଛେଦଟିକୁ ଭଲ ଭାବେ ପଢ଼ିପାରିଲା |

ଶିକ୍ଷଣ କାର୍ଯ୍ୟ ୨: (ସ୍ୱାଧୀନ ପଠନ ଓ ପୁନର୍ବଳନ କାର୍ଯ୍ୟ) (ସମୟ -୨୦ ମିନିଟ୍ )

ଶିକ୍ଷଣ  ସାମଗ୍ରୀ: ପାଠାଗାରର ପୁସ୍ତକ ଓ ପିଲାଙ୍କ ପଠନ ସ୍ତର ମୁତାବକ ବହି

ଶିକ୍ଷଣ  ପ୍ରକ୍ରିୟା:

- ପିଲାଙ୍କର ସ୍ୱାଧୀନ ପଠନର ଆଭ୍ୟାସ  ପାଇଁ ସେମାନଙ୍କୁ ପଠନ ସ୍ତର ମୁତାବକ ପାଠାଗାରରୁ କିଛି ବହି ଆଣି ପଢ଼ିବାକୁ ଦେବେ । ପିଲାମାନେ ପଢୁଥିବା ସମୟରେ ଶିକ୍ଷକ ବୁଲିବୁଲି ପିଲାଙ୍କୁ ମାର୍ଗଦର୍ଶନ ଓ ସହାୟତା କରିବେ ।
- ଶେଷରେ ୨-୩ ଜଣ ପିଲାଙ୍କୁ ଡାକି ସେମାନେ ପଢ଼ିଥିବା କାହାଣୀକୁ ନିଜ ଭାଷାରେ କହିବାକୁ କହିବେ ।
- ଯେଉଁ ପିଲାମାନେ ସ୍ୱାଧୀନ ପଠନ କରିବା ପାଇଁ ଅସମର୍ଥ ହେବେ, ଶିକ୍ଷକ ସେମାନଙ୍କ ସହିତ ପୁନର୍ବଳନ କାର୍ଯ୍ୟ କରିବେ ।  (ସେହି ପିଲାମାନଙ୍କ ସହ ଶବ୍ଦ ଓ ବାକ୍ୟ ସ୍ତର କାର୍ଯ୍ୟ କରିବେ)

# ଭାଷା ଶିକ୍ଷଣ ପାଇଁ ୧୨୦ ମିନିଟର ନମୁନା ପାଠ ଯୋଜନା  (ଶ୍ରେଣୀ – ପ୍ରଥମ ଓ ଦ୍ୱିତୀୟ)

| ମୌଖିକ ଭାଷା ବିକାଶ ଓ ଲିଖନ | |
|---|---|
| ୧ ମ – ପିରିୟଡ଼ | ସମୟ - ୪୦ ମିନିଟ୍ |
| **ଶିକ୍ଷଣ ଫଳାଫଳ** - ନିଜ ପରିବାର, ବିସ୍ତାରିତ ପରିବାର ଓ ପଡୋଶୀଙ୍କ ପ୍ରତି ଭଲପାଇବା ଓ ସମ୍ମାନ ପ୍ରଦର୍ଶନ କରିବା (HW 4.1) | |



**(ଶିକ୍ଷକଙ୍କ ମାର୍ଗଦର୍ଶନରେ କାର୍ଯ୍ୟ)**  ୧ ୨



### ଶିକ୍ଷଣ କାର୍ଯ୍ୟ ୧: (ସକ୍ରିୟାତ୍ମକ କାର୍ଯ୍ୟ – ମୌଖିକ ଖେଳ)    ( ୫ ମିନିଟ୍)

ଶିକ୍ଷଣ ସାମଗ୍ରୀ: **(କୌଣସି ସାମଗ୍ରୀର ଆବଶ୍ୟକତା ନାହିଁ)**

ଶିକ୍ଷଣ ପ୍ରକ୍ରିୟା:

- ଶିକ୍ଷକ ସବୁ ପିଲାଙ୍କୁ ଗୋଲାକାରରେ ବସାଇବେ । ପିଲାଙ୍କୁ ପରସ୍ପରର ହାତ ଧରିବାକୁ କହିବେ ।
- କୌଣସି ଜଣେ ପିଲା ତା'ର ଡାହାଣ ପଟେ ବସିଥିବା ପିଲାର ହାତରେ ତାଳି ମାରି କହିବ, ***'କହ-କହ ଜଲଦି କହ'*** । ଡାହାଣ ପଟେ ବସିଥିବା ପିଲା ସେ ପିଲାଟି ହାତ ତାଳି ମାରି ପଚାରିବ, **କ'ଣ କହିବି ?**
- ସେହି ସମୟରେ ଶିକ୍ଷକ ପିଲାଙ୍କୁ କୌଣସି ଫଳ /  ଫୁଲ / ପଶୁ / ପକ୍ଷୀ /ରଙ୍ଗ / ଯାନବାହନ / ମିଠା ଇତ୍ୟାଦିର ନାମ କହିବାକୁ କହିବେ ।
- ଏହିପରି ସବୁପିଲା ପରସ୍ପରର ହାତରେ ତାଳି ମାରି ନିର୍ଦ୍ଦିଷ୍ଟ ଜିନିଷଗୁଡ଼ିକର ନାମ କହିବେ (ଯେପରି କୌଣସି ଜିନଷର  ନାମର ପୁନରାବୃତ୍ତି ହେବ ନାହିଁ ) ଓ ଖେଳକୁ ଆଗକୁ ବଢ଼ାଇବେ ।
- ଯଦି କୌଣସି ପିଲା ଜିନିଷର ନାମ କହିପାରୁନି, ତେବେ ଶିକ୍ଷକ ଓ ସାଙ୍ଗସାଥିମାନେ ତାକୁ ସହାୟତା କରିବେ ।

### ଶିକ୍ଷଣ କାର୍ଯ୍ୟ ୨: "ମୋ ପରିବାର"  (ବିକଶାତ୍ମକ ଲକ୍ଷ୍ୟ ୧)        (୧୦ ମିନିଟ୍)

ଶିକ୍ଷଣ ସାମଗ୍ରୀ: **ବିଦ୍ୟାପ୍ରବେଶ ଶିକ୍ଷକ ସହାୟକପୁସ୍ତିକା, ପରିବାର ସମ୍ପର୍କିତ ଚିତ୍ର**

ଶିକ୍ଷଣ ପ୍ରକ୍ରିୟା:

- ଶିକ୍ଷକ ପିଲାଙ୍କୁ ଗୋଲାକାରରେ ବସାଇବେ ।
- ଶିକ୍ଷକ ପିଲାଙ୍କୁ ନିଜ ପରିବାରର ଜଣେ ସଦସ୍ୟଙ୍କ ବିଷୟରେ ଗୋଟିଏ ଛୋଟ ଅନୁଭୂତି କହିବେ (ଯେପରି – ସିଏ କିଏ ? ସେ ମୋର କ'ଣ ଅଟନ୍ତି ? ସେ କେଉଁଠି ରହନ୍ତି ? ସେ କ'ଣ କରନ୍ତି ? କ'ଣ ଖାଇବାକୁ ଭଲ ପାଆନ୍ତି, ପରିବାରରେ ତାଙ୍କ ଭୂମିକା ଓ ସେ ତାଙ୍କୁ କାହିଁକି ଭଲ ଲାଗନ୍ତି, ସେ ବିଷୟରେ ପିଲାଙ୍କୁ ଜଣାଇବେ ।  )
- ସେହିପରି ଶିକ୍ଷକ ସବୁ ପିଲାଙ୍କୁ ନିଜ ପରିବାରର ଜଣେ ସଦସ୍ୟଙ୍କ ବିଷୟରେ କହିବାକୁ କହିବେ । ଗୋଟିଏ ପିଲା  ନିଜର ଅନୁଭୂତି କହୁଥିଲା ବେଳେ ଅନ୍ୟ ପିଲାଙ୍କୁ ପ୍ରଶ୍ନ ପଚାରିବାକୁ ପ୍ରୋତ୍ସାହିତ କରିବେ ଓ ଶିକ୍ଷକ ନିଜେ ମଧ ପ୍ରଶ୍ନ ପଚାରିବେ  ।

**ଶିକ୍ଷଣ ଫଳାଫଳ -** ପାଠ ସମ୍ପର୍କିତ ନିର୍ଦ୍ଦିଷ୍ଟ ଓ ମୁକ୍ତ ଉତ୍ତରମୂଳକ ପ୍ରଶ୍ନର ଉତ୍ତର କହିବେ ଓ ଲେଖିବେ ।

## ସ୍ୱାଧୀନ କାର୍ଯ୍ୟ

୧

- ଶିକ୍ଷକ ପିଲାଙ୍କୁ ପରିବାର ସଦସ୍ୟଙ୍କ ଚିତ୍ର ଦେଇ ରଙ୍ଗ ଦେବା ପାଇଁ କହିବେ ଓ ଚିତ୍ରଗୁଡ଼ିକୁ ନିଜ ସାଙ୍ଗସାଥିଙ୍କ ସହ ଆଲୋଚନା କରିବାକୁ କହିବେ । ନିଜ (ଶିକ୍ଷକ ପରିବାର ସଦସ୍ୟଙ୍କ ଚିତ୍ରକୁ ପୂର୍ବରୁ ସଂଗ୍ରହ କରି ରଖିବେ)
- ପିଲାମାନେ ଯୋଡ଼ିରେ ନିଜ ବାପା, ମାଆ, ଭାଇ, ଭଉଣୀ, ଜେଜେବାପା, ଜେଜେମାଆ ଓ ଅନ୍ୟ ସଦସ୍ୟଙ୍କ ବିଷୟରେ ପରସ୍ପର ମଧ୍ୟରେ ଆଲୋଚନା କରିବେ ।



୨୦ ମିନିଟ୍

## ଶିକ୍ଷକଙ୍କ ମାର୍ଗଦର୍ଶନରେ କାର୍ଯ୍ୟ

୨

### ଶିକ୍ଷଣ କାର୍ଯ୍ୟ ୩: ଆସ ବୁଲିଯିବା ଭଟ୍ଟାରିକା (ଗଦ୍ୟ ଆଧାରିତ କାର୍ଯ୍ୟ)

ଶିକ୍ଷଣ ସାମଗ୍ରୀ: ପାଠ୍ୟପୁସ୍ତକ, ନୂଆ ଶବ୍ଦ ଶିଖାଇବା ପାଇଁ ଫ୍ଲାସକାର୍ଡ଼, କ୍ରେୟନ ଓ ଡ୍ରଇଂ କାଗଜ

ଶିକ୍ଷଣ ପ୍ରକ୍ରିୟା:

**୧. ଗଦ୍ୟ ସହ ପରିଚୟ:**

- ଶିକ୍ଷକ ପିଲାଙ୍କୁ ଗୋଲାକାରରେ ବସାଇବେ ।
- ଶିକ୍ଷକ ପିଲାଙ୍କୁ ଗଦ୍ୟର ନାମ କହିବେ ଓ ଗଦ୍ୟରେ ଥିବା ଚିତ୍ରକୁ ଦେଖାଇ ଗଦ୍ୟ ବିଷୟରେ ଅନୁମାନ କରିବାକୁ କହିବେ (ଯେପରି – କାହାଣୀଟି କେଉଁ ବିଷୟରେ ହୋଇଥିବ, କାହାଣୀରେ କ'ଣ ହେଉଥିବ, କାହାଣୀରେ କିଏ-କିଏ ଥିବେ ଓ କାହାଣୀଟି କେଉଁ ସ୍ଥାନର ହୋଇଥିବ? )
- ଶିକ୍ଷକ କାହାଣୀଟିକୁ ପିଲାଙ୍କ ଅନୁଭୂତି ସହ ଯୋଡ଼ିବେ । (ଯେପରି – ତମେମାନେ କେଉଁ ସବୁ ସ୍ଥାନ ବୁଲିଯାଇଛ? ତମେମାନେ ସେଠାରେ କ'ଣ ସବୁ ଦେଖିଲ ? ତୁମକୁ ସବୁଠାରୁ କ'ଣ ଭଲ ଲାଗିଲା ?)



**୨. ଶବ୍ଦଭଣ୍ଡାର ଶିକ୍ଷଣ:**

- ଶିକ୍ଷକ କାହାଣୀଟିକୁ କହିବେ ଓ ନୂତନ ଶବ୍ଦଗୁଡ଼ିକୁ (ଅଟ୍ଟାଳିକା, ମନ୍ଥର, ପଦ୍ୟାନ୍ତ, ଦୁର୍ବଳ, ଗ୍ରନ୍ଥ ଇତ୍ୟାଦି ) ଫ୍ଲାସକାର୍ଡ / ଚିତ୍ର / ଅଙ୍ଗଭଙ୍ଗୀ / ଉଦାହରଣ ମାଧ୍ୟମରେ ବୁଝାଇବେ ।

**୩. ଆଦର୍ଶ ପଠନ:**

- ଶିକ୍ଷକ କାହାଣୀଟିକୁ ଭାବଭଙ୍ଗୀ ଓ ସ୍ୱରର ଉତ୍ଥାନ-ପତନ ସହ ପ୍ରଥମ ଅନୁଚ୍ଛେଦକୁ ପଢ଼ିବେ । କାହାଣୀ ପଢ଼ିବାବେଳେ ନୂତନ ଶବ୍ଦ ଯେଉଁଠି ଆସିବ ସେଠାରେ ପିଲାଙ୍କ ଦୃଷ୍ଟି ଆକର୍ଷଣ କରିବେ ।
- ପଢ଼ିବା ସମୟରେ ୧-୨ ଟି ସ୍ଥାନରେ ଅଟକି ପିଲାଙ୍କୁ ଅନୁମାନ ଆଧାରିତ ପ୍ରଶ୍ନ ପଚାରିବେ । (ଯେପରି – କିଏ, କଣ, କେମିତି, କିପରି ଇତ୍ୟାଦି ପ୍ରଶ୍ନ)

**୪.ଗଦ୍ୟ ସମ୍ପର୍କିତ ଆଲୋଚନା ଓ ଲିଖନ:**

- ଶିକ୍ଷକ ପିଲାଙ୍କ ସହିତ କାହାଣୀ ବିଷୟରେ ଆଲୋଚନା କରିବେ (ଯେପରି – କାହାଣୀଟି କିପରି ଲାଗିଲା ଓ କାହିଁକି ?

| ଡିକୋଡିଂ ଓ ଲିଖନ | |
|---|---|
| ୨ ୟ – ପିରିୟଡ଼ | ସମୟ – ୪୦ ମିନିଟ୍ |
| **ଶିକ୍ଷଣ ଫଳାଫଳ -** ଚିତ୍ରରେ ଥିବା ବସ୍ତୁଗୁଡ଼ିକୁ ମନଯୋଗ ସହ ଦେଖିବେ ଏବଂ ସେଗୁଡ଼ିକ ବିଷୟରେ କହିବ ଓ ନାମକୁ ଲେଖିବାକୁ ଚେଷ୍ଟାକରିବ (invented spelling) । (ECL1-3.5(b)) | |
| **ଶିକ୍ଷକଙ୍କ ମାର୍ଗଦର୍ଶନରେ କାର୍ଯ୍ୟ** ୧ | **ସ୍ୱାଧୀନ କାର୍ଯ୍ୟ** ୨ |
| **(ଶିକ୍ଷଣ କାର୍ଯ୍ୟ ଆରମ୍ଭ କରିବା ପୂର୍ବରୁ ଶିକ୍ଷକ ପ୍ରଥମ ଶ୍ରେଣୀ ପିଲା ଆଙ୍କିଥିବା ଚିତ୍ରଗୁଡ଼ିକୁ ଦେଖିବେ)** <br>**ଶିକ୍ଷଣ କାର୍ଯ୍ୟ ୧: ଆସ ବୁଲିଯିବା ଆମରି ହାଟ (ବିକଶାତ୍ମକ ଲକ୍ଷ୍ୟ -୨)**<br>ଶିକ୍ଷଣ ସାମଗ୍ରୀ: ହାଟର ଚିତ୍ର (ଚିତ୍ର ପୋଷ୍ଟର), ବିଦ୍ୟାପ୍ରବେଶ ଶିକ୍ଷକ ସହାୟକପୁସ୍ତିକା, ପେନସିଲ, ଡ୍ରଇଂ କାଗଜ ଓ କ୍ରେୟନ<br>ଶିକ୍ଷଣ ପ୍ରକ୍ରିୟା -<br>• ଶିକ୍ଷକ ସମସ୍ତ ଶିକ୍ଷାର୍ଥୀମାନଙ୍କୁ ଗୋଲାକାରରେ ବସାଇ ଏକ ହାଟର ଚିତ୍ର ଦେଖାଇବେ ଓ ଆଲୋଚନା କରିବେ ।<br>• ଶିକ୍ଷାର୍ଥୀମାନେ ନିଜ ଅଭିଜ୍ଞତା ବା ଅନୁଭୂତିକୁ ଆଧାର କରି ହାଟ ବିଷୟରେ ବର୍ଣ୍ଣନା କରିବେ ।<br>**୧୫ ମିନିଟ୍** | • ଶିକ୍ଷକ ପିଲାଙ୍କୁ କାହାଣୀ ସମ୍ପର୍କିତ ଚିତ୍ର ଆଙ୍କିବାକୁ କହିବେ ଓ ସେହି ଚିତ୍ର ସମ୍ପର୍କିତ ଶବ୍ଦ ଓ ବାକ୍ୟ ଲେଖିବାକୁ କହିବେ । |
| | **ଶିକ୍ଷଣ ଫଳାଫଳ:**ପରିଚିତ ଓ ଅପରିଚିତ ପ୍ରସଙ୍ଗକୁ ପଢ଼ିବା ପାଇଁ ଚେଷ୍ଟା କରିବ ଓ ସେହି ବିଷୟରେ କହିବ।(ECL15.5 (ଗ)) |
| **ସ୍ୱାଧୀନ କାର୍ଯ୍ୟ** ୧ | **ଶିକ୍ଷକଙ୍କ ମାର୍ଗଦର୍ଶନରେ କାର୍ଯ୍ୟ** ୨ |
| • ଶିକ୍ଷକ ପିଲାଙ୍କୁ ହାଟରୁ ମିଳୁଥିବା ପନିପରିବାର ଚିତ୍ର କରି ରଙ୍ଗ ଦେବା ପାଇଁ କହିବେ ଓ ଚିତ୍ରଗୁଡ଼ିକୁ ଅନ୍ୟ ସାଙ୍ଗସାଥିଙ୍କ ସହ ଆଲୋଚନା କରିବାକୁ କହିବେ ।<br>**୨୫ ମିନିଟ୍** | **(ଶିକ୍ଷଣ କାର୍ଯ୍ୟ ଆରମ୍ଭ କରିବା ପୂର୍ବରୁ ଶିକ୍ଷକ ଦ୍ୱତୀୟ ଶ୍ରେଣୀ ପିଲା କରିଥିବା କାର୍ଯ୍ୟକୁ ଦେଖିବେ )**  <br>**ଶିକ୍ଷଣ କାର୍ଯ୍ୟ- ୨ (କାର୍ଯ୍ୟପୁସ୍ତିକା ଆଧାରିତ କାର୍ଯ୍ୟ)**<br>ଶିକ୍ଷଣ ସାମଗ୍ରୀ: ଭାଷା କାର୍ଯ୍ୟପୁସ୍ତିକା<br>ଶିକ୍ଷଣ ପ୍ରକ୍ରିୟା -<br>• ଶିକ୍ଷକ କାର୍ଯ୍ୟପୁସ୍ତିକାର ପାଠ – ୩୧ ( ପୁଅ ବାହାଘର ) ରେ ଥିବା ଚିତ୍ର ଦେଖିବାକୁ କହିବେ । ଶିକ୍ଷକ ପିଲାଙ୍କୁ ଚିତ୍ରକୁ ଆଧାର କରି ପାଠରେ କ'ଣ ହେଉଥିବ ସେ ବିଷୟରେ ଅନୁମାନ କରିବାକୁ କହିବେ । ଶିକ୍ଷକ ବାହାଘର ସମ୍ପର୍କରେ ଶିକ୍ଷାର୍ଥୀମାନଙ୍କ ଅନୁଭୂତି ବିଷୟରେ ଆଲୋଚନା କରିବେ । |

- ପାଠ – ୩୧ ପୁଅ ବାହାଘର ( ଦ୍ୱିତୀୟ ଶ୍ରେଣୀ ) ଗପଟିକୁ ଶିକ୍ଷକ ଆଦର୍ଶ ପଠନ କରିବେ ।
- ଶିକ୍ଷକ ଶିକ୍ଷାର୍ଥୀମାନଙ୍କୁ ଦଳରେ ଭାଗକରି ମାର୍ଗଦର୍ଶୀ ପଠନ କରାଇବେ ଓ ଆବଶ୍ୟକ ସ୍ଥଳେ ସହାୟତା ପ୍ରଦାନ କରିବେ ।
- ଶିକ୍ଷକ " ପୁଅ ବାହାଘର " ବିଷୟରେ ଥିବା ପ୍ରଶ୍ନଗୁଡିକରୁ ଶିକ୍ଷାର୍ଥୀମାନଙ୍କୁ ପଚାରି ମୌଖିକ ଆଲୋଚନା କରିବେ । ପ୍ରଶ୍ନର ଉତ୍ତର କାର୍ଯ୍ୟପୁସ୍ତିକାରେ ଲେଖିବା ପାଇଁ ଶିକ୍ଷାର୍ଥୀମାନଙ୍କୁ ସୂଚନା ଦେବେ ।

## ପଠନ ଓ ଲିଖନ

| ୩ୟ ପିରିୟଡ଼ | ସମୟ - ୪୦ ମିନିଟ୍ |
|---|---|
| **ଶିକ୍ଷଣ ଫଳାଫଳ:** ବସ୍ତୁଗୁଡ଼ିକୁ ତିନୋଟି ଲକ୍ଷଣ (ଯେପରି – ଆକୃତି, ରଙ୍ଗ ଏବଂ ଆକାର ଇତ୍ୟାଦି) ଆଧାରରେ ତୁଳନା ଓ ବର୍ଗୀକରଣ କରିବେ । ବସ୍ତୁଗୁଡ଼ିକୁ ବର୍ଣ୍ଣନା କରିବାକୁ ସ୍ଥାନିତ ଶବ୍ଦଗୁଡ଼ିକର (ପାଖରେ, ଭିତରେ, ତଳେ) ଉପଯୁକ୍ତ ବ୍ୟବହାର କରିବେ । (IL -3.5) | |
|  **ଶିକ୍ଷକଙ୍କ ମାର୍ଗଦର୍ଶନରେ କାର୍ଯ୍ୟ** ୧ |  **ସ୍ୱାଧୀନ କାର୍ଯ୍ୟ** ୨ |

**(ଶିକ୍ଷଣ କାର୍ଯ୍ୟ ଆରମ୍ଭ କରିବା ପୂର୍ବରୁ ଶିକ୍ଷକ ପ୍ରଥମ ଶ୍ରେଣୀ ପିଲା କରିଥିବା କାର୍ଯ୍ୟକୁ ଦେଖିବେ ।)**

### ଶିକ୍ଷଣ କାର୍ଯ୍ୟ ୧: ପାଖଦୂର ଖେଳ ଖେଳିବା (ବିକାଶମୂକ ଲକ୍ଷ୍ୟ - ୩)

ଶିକ୍ଷଣ ସାମଗ୍ରୀ: ବିଦ୍ୟାପ୍ରବେଶ କାର୍ଯ୍ୟପୁସ୍ତିକା, ବିଦ୍ୟାପ୍ରବେଶ ସହାୟକପୁସ୍ତିକା

ଶିକ୍ଷଣ ପ୍ରକ୍ରିୟା -

- ତାପରେ ପିଲାମାନଙ୍କୁ ଗୋଲାକାରରେ ଠିଆ କରାଇବେ । ଶିକ୍ଷକ ପିଲାଙ୍କ ମଝିରେ ରହିତ ଗୀତ ବୋଲିବେ, ଶିକ୍ଷକଙ୍କ ସହିତ ପିଲାମାନେ ଗୀତ ବୋଲିବେ ।

**" ଡାକିବି ଯେବେ ତୁମକୁ ମୁହିଁ**
**ଆସିବ ତମେ ପାଖକୁ ଧାଇଁ**
**କହିଦେଲେ ମୁଁ ଦୂରକୁ ଯାଅ**
**ମୋ ଠୁଁ ଦୂରକୁ ଯିବ ପଳାଇ । "**

**୨୦ ମିନିଟ୍**

- ୨/୩ ଥର ବୋଲିବା ସମୟରେ ଶିକ୍ଷକ ମଝିରେ ମଝିରେ କହିବେ :-
  'ପାଖ' କହିଲେ ପିଲାମାନେ ଶିକ୍ଷକଙ୍କ ପାଖକୁ ଆସିବେ । 'ଦୂର' କହିଲେ ପିଲାମାନେ ପୂର୍ବ ସ୍ଥାନକୁ ଫେରିଯିବେ ।


**ସ୍ୱାଧୀନ କାର୍ଯ୍ୟ:**

- ପିଲାମାନେ କାର୍ଯ୍ୟପୁସ୍ତିକା ଆଧାରିତ କାର୍ଯ୍ୟ କରିବେ । କାର୍ଯ୍ୟଫର୍ଦ୍ଦର ପାଠ ୩୧ ପୂରଣ କରିବେ ।

| | ଶିକ୍ଷଣ ଫଳାଫଳ: ଚିତ୍ର ଆଧାରିତ ଗପ, ଗଳ୍ପକାର୍ଡ଼ ଓ ଗପବହିର ଘଟଣା ଓ ଚରିତ୍ରକୁ ବୁଝିବ ଓ ସେଗୁଡ଼ିକ ବିଷୟରେ ଲେଖିବ । (ECL 1 5.6) |
|---|---|
| **ସ୍ୱାଧୀନ କାର୍ଯ୍ୟ** ୧ | **ଶିକ୍ଷକଙ୍କ ମାର୍ଗଦର୍ଶନରେ** ୨ |
| • ପିଲାମାନେ କାର୍ଯ୍ୟପୁସ୍ତିକା ଆଧାରିତ କାର୍ଯ୍ୟ କରିବେ । କାର୍ଯ୍ୟଫର୍ଦ୍ଦ (ପୃଷ୍ଠା -୩୦) ପୂରଣ କରିବେ ।<br><br>୨୦ ମିନିଟ୍ | **(ଶିକ୍ଷଣ କାର୍ଯ୍ୟ ଆରମ୍ଭ କରିବା ପୂର୍ବରୁ ଶିକ୍ଷକ ଦ୍ୱିତୀୟ  ଶ୍ରେଣୀ ପିଲା କରିଥିବା କାର୍ଯ୍ୟକୁ ଦେଖିବେ)**<br>ଶିକ୍ଷଣକାର୍ଯ୍ୟ – ୨ – ( ମାର୍ଗଦର୍ଶୀ ପଠନ )<br><br><br>ଶିକ୍ଷଣ ସାମଗ୍ରୀ: ଗଳ୍ପକାର୍ଡ ( ବଡ଼ ବେଲୁନ )<br>ଶିକ୍ଷଣ ପ୍ରକ୍ରିୟା:<br>• ଶିକ୍ଷକ ଶିକ୍ଷାର୍ଥୀମାନଙ୍କୁ ଗଳ୍ପକାର୍ଡ ( ବଡ ବେଲୁନ ) ଦେଖାଇ ଗଳ୍ପର ଶୀର୍ଷକ ଓ ଚିତ୍ର ଉପରେ ଆଲୋଚନା କରିବେ । ଚିତ୍ରକୁ ଦେଖାଇ ଅନୁମାନ କରିବାକୁ କହିବେ । ଚିତ୍ର ଉପରେ ଆଲୋଚନା ପରେ ଶିକ୍ଷକ ଗଳ୍ପଟିକୁ ଭାବଭଙ୍ଗୀ ଓ ସ୍ୱରର ଉତ୍ଥାନ-ପତନ ସହ ପଢ଼ିବେ ଓ ପିଲାମାନେ ମନ ଦେଇ ଶୁଣିବେ ।<br>• ଗପକୁ ପଢ଼ି ଶୁଣାଇଥିବା ସମୟରେ ଶିକ୍ଷାର୍ଥୀମାନଙ୍କୁ ମଝିରେ ମଝିରେ ଅନୁମାନ ଆଧାରିତ ପ୍ରଶ୍ନ ଶିକ୍ଷକ ପଚାରିବେ । (ସମୁଦାୟ ଗଳ୍ପରେ ଶିକ୍ଷକ ଗୋଟିଏ ବା ଦୁଇଟି ପ୍ରଶ୍ନ ପଚାରିବେ)<br>• ଶିକ୍ଷକ ଗପଟିକୁ ବଡ଼ବଡ଼ ଅକ୍ଷରରେ କଳାପଟାରେ ଲେଖିବେ ।  ପିଲାମାନେ ଯୋଡ଼ିରେ ଗପଟିକୁ ଦେଖି କଳାପଟାରୁ ପଢ଼ିବେ ।  ପିଲାମାନେ ପଢୁଥିବା ସମୟରେ ଶିକ୍ଷକ ଆବଶ୍ୟକସ୍ଥଳେ ପିଲାଙ୍କ ମାର୍ଗଦର୍ଶନ କରିବେ ।<br>• ଗପ ସମ୍ପର୍କିତ ନିର୍ଦ୍ଦିଷ୍ଟ ଉତ୍ତରମୂଳକ ଓ ମୁକ୍ତ ଉତ୍ତରମୂଳକ ପ୍ରଶ୍ନ ପଚାରିବେ ।<br>• ଶେଷରେ ଶିକ୍ଷକ ଶିକ୍ଷାର୍ଥୀମାନଙ୍କୁ ଗଳ୍ପକାର୍ଡରୁ କିଛି ଶ୍ରୁତ ଲିଖନ ଓ ସରଳ ପ୍ରଶ୍ନ ଲେଖିବାକୁ ଦେବେ । |
| **ବିଶେଷ ସୂଚନା: ଶିକ୍ଷକ ଶେଷରେ ଉଭୟ ୧ ଓ ୨ ୟ ଶ୍ରେଣୀ ପିଲାଙ୍କର କାର୍ଯ୍ୟ ଦେଖିବେ ଓ ଆବଶ୍ୟକୀୟ ସଂଶୋଧନ କରିବେ ।** | |

# ସଂଖ୍ୟାଜ୍ଞାନ ପାଠ ଯୋଜନା- ଜୁଲାଇ ମାସ

**ବହୁଶ୍ରେଣୀ ପାଠ ଯୋଜନା** **ବିଷୟ : ଗଣିତ** **ସମୟ : ୯୦ ମିନିଟ**

| ଶ୍ରେଣୀ | ପାଠ | ଶିକ୍ଷଣ ଫଳାଫଳ | ଶିକ୍ଷଣ ସାମଗ୍ରୀ |
|---|---|---|---|
| ଦ୍ୱିତୀୟ | **ଦଳ ଦଳ କରି ଗଣିବା** | ଦୁଇଅଙ୍କ ବିଶିଷ୍ଟ ସଂଖ୍ୟାର ସ୍ଥାନୀୟମାନ ନିର୍ଣ୍ଣୟ କରିବେ ।<br>ଉଦ୍ଦେଶ୍ୟ -ଦୁଇଅଙ୍କ ବିଶିଷ୍ଟ ସଂଖ୍ୟାର ବିସ୍ତାରିତ ରୂପ ଲେଖିବେ । |  |
| ତୃତୀୟ | **ଆସ ଆମେ ଖେଳିବା** | ତିନିଅଙ୍କ ବିଶିଷ୍ଟ ସଂଖ୍ୟାର ସ୍ଥାନୀୟମାନ ନିର୍ଣ୍ଣୟ କରିବେ ।<br>ଉଦ୍ଦେଶ୍ୟ –ତିନିଅଙ୍କ ବିଶିଷ୍ଟ ସଂଖ୍ୟାର ବିସ୍ତାରିତ ରୂପ ଲେଖିବେ । |  |

## ସକ୍ରିୟାତ୍ମକ କାର୍ଯ୍ୟ – ୧୦ ମିନିଟ

- ଶିକ୍ଷକ / ଶିକ୍ଷୟତ୍ରୀ ଦ୍ୱିତୀୟ ଓ ତୃତୀୟ ଶ୍ରେଣୀର ସମସ୍ତ ଶିକ୍ଷାର୍ଥୀମାନଙ୍କୁ ଗୋଲାକାରରେ ଠିଆ କରାଇବେ ଓ ନିଜେ ସେମାନଙ୍କ ସହିତ ଠିଆ ହେବେ ।
- ଶିକ୍ଷକ / ଶିକ୍ଷୟତ୍ରୀ ନିଜେ ଗୀତଟିଏ ଗାଇବେ ଓ ତାଙ୍କ ସହିତ ଶିକ୍ଷାର୍ଥୀମାନଙ୍କୁ ଗୀତଟି ଦୋହରାଇବା ପାଇଁ କହିବେ ।

**ଗୀତ - " ଆସ ଆମେ ଖେଳିବା , ଦଶ ଦଶ କରି ଗଣିବା ।**
**ଦଶ ଦଶ କରି ଗଣି ଆମେ , ପଚିଶିକୁ ଦୁଇ ଦଶ ପାଞ୍ଚ ଏକ କହିବା । "**
**ଆସ ଆମେ ଖେଳିବା , ଦଶ ଦଶ କରି ଗଣିବା ।**
**ଦଶ ଦଶ କରି ଗଣି ଆମେ , ବତିଶିକୁ କେତେ ଦଶ କେତେ ଏକ କହିବ ।**

- ଏହିପରି ଗୀତଟିକୁ ବଢ଼ାଇ ପାରିବେ ।
- ସମସ୍ତ ଶିକ୍ଷାର୍ଥୀମାନଙ୍କର ସକ୍ରିୟ ଅଂଶ ଗ୍ରହଣକୁ ଦେଖିବେ ।

ଆଲୋଚ୍ୟ ପ୍ରଶ୍ନ –

୧। ଖେଳଟି ତୁମକୁ କିପରି ଲାଗିଲା ?


୩ । ଏହି ଖେଳରୁ ଆମେ କ'ଣ ଶିଖିଲେ ?

# ମୂର୍ତ୍ତ ପର୍ଯ୍ୟାୟ(Concrete stage) – ୩୦ ମିନିଟ

**ଶିକ୍ଷଣ କାର୍ଯ୍ୟ -୧**

ଶିକ୍ଷକ / ଶିକ୍ଷୟତ୍ରୀ ଶିକ୍ଷାର୍ଥୀମାନଙ୍କୁ ଶ୍ରେଣୀ ଅନୁଯାୟୀ ଦଳ ଗଠନ କରି ବସାଇବେ ।
ପ୍ରତି ଦଳରେ ୪-୫ ଜଣ ଶିକ୍ଷାର୍ଥୀ ରହିବେ ।
ଦଳରେ ଶିକ୍ଷଣ ସାମଗ୍ରୀ ଗୁଡିକ ଦେଇ ପ୍ରତି ଶ୍ରେଣୀର ପରିସ୍ଥିତି ଆଧାରିତ କାର୍ଯ୍ୟ କରିବାକୁ ସୂଚନା ଦେବେ ।





**ଶିକ୍ଷକଙ୍କ ସୂଚନା – ( ଦ୍ୱିତୀୟ ,ତୃତୀୟ ଶ୍ରେଣୀ ପାଇଁ)**

- ଦିଆଯାଇଥିବା ଡାଇସ ମଧ୍ୟରୁ ହଳଦିଆ ରଙ୍ଗ **ଏକକ** , ନୀଳ ରଙ୍ଗ **ଦଶକ** ଓ ସବୁଜ ରଙ୍ଗ **ଶତକ** ସ୍ଥାନକୁ ବୁଝାଇବ ପ୍ରତ୍ୟେକ ନିଜ ନିଜ ଦଳରେ ଥିବା ଏହି କାର୍ଯ୍ୟଟି କରିବେ ।
- ଦଳରେ ଜଣେ ଏକ ସମୟରେ ଦୁଇଟି ଡାଇସ( ଦ୍ୱିତୀୟ ଶ୍ରେଣୀ ) ତିନୋଟି ଡାଇସ ( ତୃତୀୟ ଶ୍ରେଣୀ ) ଗଡାଇବେ ।
- ଦଳରେ ଥିବା ଅନ୍ୟ ଶିକ୍ଷାର୍ଥୀମାନେ ଡାଇସରେ ଦେଖାଯାଉଥିବା ବିନ୍ଦୁକୁ ଗଣି ସଂଖ୍ୟା କହିବେ ।
- ପ୍ରତ୍ୟେକ ଶ୍ରେଣୀର ଶିକ୍ଷାର୍ଥୀମାନେ ଦିଆଯାଇଥିବା ସାମଗ୍ରୀକୁ ନେଇ ସଂଖ୍ୟା ଗଢିବେ ଓ କହିବେ ।

**ଦ୍ୱିତୀୟ ଶ୍ରେଣୀ** - ଯେପରି କି ହଳଦିଆ ଡାଇସରେ ୫ ଟି ବିନ୍ଦୁ ଓ ନୀଳ ଡାଇସରେ ୩ ଟି ବିନ୍ଦୁ ଥିବାରୁ ଆମେ ସଂଖ୍ୟାଟି ୩ ଦଶ ୫ ଏକ ବୋଲି କହିବେ ।





ଉପରୋକ୍ତ ସଂଖ୍ୟାକୁ ବିସ୍ତାରିତ ରୂପରେ ସ୍ଥାନୀୟମାନ ପଟି ବ୍ୟବହାର କରି ,ଏପରି ଦେଖାଇ ପାରିବେ । ୩୦ + ୫





ଦଳରେ ଆଲୋଚନା କରି ସ୍ଥାନୀୟମାନ ପଟିରେ ୪୩, ୫୭ , ୯୨,ସଂଖ୍ୟାକୁ ପ୍ରଦର୍ଶନ କରି ଉପସ୍ଥାପନ କରିବେ । ଆବଶ୍ୟକ ସ୍ଥଳେ ସଂଶୋଧନ କରାଯିବ ।

**ତୃତୀୟ ଶ୍ରେଣୀ** - ଯେପରି କି ହଳଦିଆ ଡାଇସରେ ୫ ଟି ବିନ୍ଦୁ ଓ ନୀଳ ଡାଇସରେ ୩ ଟି ବିନ୍ଦୁ ଓ ସବୁଜ ଡାଇସ ରେ ୨ ଟି ବିନ୍ଦୁ ଥିବାରୁ ଆମେ ସଂଖ୍ୟାଟି ୨ ଶତକ ୩ ଦଶ ୫ ଏକ ବୋଲି କହିବେ ।




ଉପରୋକ୍ତ ସଂଖ୍ୟାକୁ ବିସ୍ତାରିତ ରୂପରେ ସ୍ଥାନୀୟମାନ ପଟି ବ୍ୟବହାର କରି ,ଏପରି ଦେଖାଇ ପାରିବେ । ୨୦୦ + ୩୦ + ୫




ଦଳରେ ଆଲୋଚନା କରି ସ୍ଥାନୀୟମାନ ପଟିରେ ୧ ୪୩, ୫୩୭ , ୬୯୨,ସଂଖ୍ୟାକୁ ପ୍ରଦର୍ଶନ କରି ଉପସ୍ଥାପନ କରିବେ । ଆବଶ୍ୟକ ସ୍ଥଳେ ସଂଶୋଧନ କରାଯିବ ।

# ଚିତ୍ରିତ ପର୍ଯ୍ୟାୟ(Representation Stage) – ୨୦ ମିନିଟ

**ଶିକ୍ଷଣ କାର୍ଯ୍ୟ -୨**

**ଶିକ୍ଷକଙ୍କ ସୂଚନା – ( ଦ୍ୱିତୀୟ ,ତୃତୀୟ ଶ୍ରେଣୀ ପାଇଁ)**


- ପ୍ରତ୍ୟେକ ଦଳକୁ ଗୋଟିଏ ଲେଖାଏଁ ବର୍ଗାକାର କୋଠରି ବିଶିଷ୍ଟ କାଗଜ ଫର୍ଦ୍ଦ ଦିଆଯିବ ।
- ଶିକ୍ଷାର୍ଥୀମାନେ ଶିକ୍ଷକଙ୍କ ସୂଚନା ଅନୁସାରେ ଦଳରେ କାର୍ଯ୍ୟ କରିବେ ।
- ଦ୍ୱିତୀୟ ଶ୍ରେଣୀ ଶିକ୍ଷାର୍ଥୀ ୩୫, ତୃତୀୟ ଶ୍ରେଣୀ ଶିକ୍ଷାର୍ଥୀ ୨୩୫ କୁ ଚିତ୍ରିତ ଉପସ୍ଥାପନା ମାଧ୍ୟମରେ ଦର୍ଶାଇବେ ।
- ପ୍ରତି ଦଳ ଏହି କାର୍ଯ୍ୟକୁ କରିବା ସମୟରେ ଶିକ୍ଷକ ତଦାରଖ କରିବେ ।
- ଏହିପରି ଆଉ କେତୋଟି ସଂଖ୍ୟାକୁ ନେଇ କାର୍ଯ୍ୟ କରାଇବେ ।
-ଆବଶ୍ୟକ ସ୍ଥଳେ ଶିକ୍ଷକ ସହାୟତା ପ୍ରଦାନ କରିବେ ।
-ପ୍ରତ୍ୟେକ ଶିକ୍ଷର୍ଥୀ ଶିକ୍ଷକଙ୍କ ସୂଚନା ଅନୁସାରେ ମଧ ବ୍ୟକ୍ତିଗତ ଭାବେ କାର୍ଯ୍ୟ କରିବେ ।
-ଶେଷରେ ଶିକ୍ଷକ ଏହି ପର୍ଯ୍ୟାୟର କାର୍ଯ୍ୟକୁ କଳାପଟାରେ ଶିକ୍ଷର୍ଥୀଙ୍କ ସହାୟତାରେ ସଂକ୍ଷେପଣ କରିବେ ।


ଦ୍ୱିତୀୟ | ସଂଖ୍ୟା -୩୫

| ସଂଖ୍ୟା | ଦଶକ | | | ଏକକ | | |
|---|---|---|---|---|---|---|
| ୩୫ | ୧୦ | ୧୦ | ୧୦ | ୧ | ୧ | ୧ |
| | | | | ୧ | ୧ | |
| | | | | | | |

ତୃତୀୟ | ସଂଖ୍ୟା -୨୩୫

| ସଂଖ୍ୟା | ଶତକ | | | ଦଶକ | | | ଏକକ | | |
|---|---|---|---|---|---|---|---|---|---|
| ୨୩୫ | ୧୦୦ | ୧୦୦ | | ୧୦ | ୧୦ | ୧୦ | ୧ | ୧ | ୧ |
| | | | | | | | ୧ | ୧ | |
| | | | | | | | | | |




**ଶିକ୍ଷଣ କାର୍ଯ୍ୟ -୩**

# ଅମୂର୍ତ୍ତ ପର୍ଯ୍ୟାୟ–୧୦ ମିନିଟ୍

ଦ୍ୱିତୀୟ

ଶିକ୍ଷକ କାଳପଟାରେ କିଛି (ଶିକ୍ଷକ ଦୁଇଅଙ୍କ ବିଶିଷ୍ଟ ସଂଖ୍ୟା ଦେବେ ଯଥା – ୫୬ , ୬୭ , ୭୮ , ୮୮ .... ) ।
ପ୍ରଶ୍ନ – ୧ ) ସାରଣୀ ପୂରଣ କର ।

| ସଂଖ୍ୟା | ଦଶକ | ଏକକ |
|---|---|---|
| ୫୬ | | |
| ୬୭ | | |
| ୭୮ | | |
| ୮୮ | | |

ପ୍ରଶ୍ନ -୨ ସଂଖ୍ୟାଗୁଡିକର ବିସ୍ତାରିତ ରୂପ ଲେଖ ।
୫୬ , ୬୭ , ୭୮ , ୮୮

ତୃତୀୟ

ଶିକ୍ଷକ କାଳପଟାରେ କିଛି ( ଶିକ୍ଷକ ତିନିଅଙ୍କ ବିଶିଷ୍ଟ ସଂଖ୍ୟା ଦେବେ ଯଥା – ୪୧୫ , ୪୭୮ , ୬୫୨ ,୭୯୧ .... ) ।
ପ୍ରଶ୍ନ – ୧ ) ସାରଣୀ ପୂରଣ କର ।

| ସଂଖ୍ୟା | ଶତକ | ଦଶକ | ଏକକ |
|---|---|---|---|
| ୪୧୫ | | | |
| ୪୭୮ | | | |
| ୬୫୨ | | | |
| ୭୯୧ | | | |

ପ୍ରଶ୍ନ -୨ ସଂଖ୍ୟାଗୁଡିକ ନେଇ ବିସ୍ତାରିତ ରୂପରେ ଲେଖିବେ ।
୪୧୫ , ୪୭୮ , ୬୫୨ ,୭୯୧

## ଅଭ୍ୟାସ କାର୍ଯ୍ୟ -(୨୦ ମିନିଟ୍ )

**ଶିକ୍ଷଣ କାର୍ଯ୍ୟ -୪**

ଶିକ୍ଷାର୍ଥୀମାନେ ବ୍ୟକ୍ତିଗତ ଭାବରେ ଦ୍ୱିତୀୟ ଓ ତୃତୀୟ ଶ୍ରେଣୀର ପାଠ୍ୟ ପୁସ୍ତକର ଅଭ୍ୟାସକାର୍ଯ୍ୟ ଓ କାର୍ଯ୍ୟପୁସ୍ତିକାରେ ଥିବା କାର୍ଯ୍ୟଫର୍ଦ୍ଦଗୁଡ଼ିକ ପୂରଣ କରିବାକୁ କହିବେ। ନିଜ ନିଜ ଭିତରେ ସଂଶୋଧନ କରିବା ପାଇଁ କହିବେ ଓ ଆବଶ୍ୟକସ୍ଥଳେ ସହାୟତା କରିବେ ଓ ସଂଶୋଧନ କରିବେ ।

| ଶ୍ରେଣୀ | ପାଠ୍ୟପୁସ୍ତକର ଅଭ୍ୟାସକାର୍ଯ୍ୟ | କାର୍ଯ୍ୟପୁସ୍ତିକାର କାର୍ଯ୍ୟଫର୍ଦ୍ଦ |
|---|---|---|
| **ଦ୍ୱିତୀୟ** | ପୃଷ୍ଠା- ୩୫ ର ପ୍ରଶ୍ନ -୪ | ପୃଷ୍ଠା- ୪୩ |
| **ତୃତୀୟ** | ପୃଷ୍ଠା- ୩୨ ର ପ୍ରଶ୍ନ -୨ | ପୃଷ୍ଠା- ୩୪ |


- ଶିକ୍ଷକ ସ୍ୱାକ୍ଷର କରିବେ , ଓ ବ୍ୟକ୍ତିଗତ ପ୍ରତିପୁଷ୍ଟି ଦେବେ ।

ଆଜି ଆମେ କଣ ଶିଖିଲେ –

ସଂଖ୍ୟାକୁ ବିସ୍ତାରିତ ରୂପରେ ପ୍ରକାଶ କଲେ ।

# ସଂଖ୍ୟାଜ୍ଞାନ ପାଠ ଯୋଜନା – ଜୁଲାଇ ମାସ

**ଏକଶ୍ରେଣୀ ପାଠ ଯୋଜନା          ତୃତୀୟ ଶ୍ରେଣୀ          ବିଷୟ: ଗଣିତ          ସମୟ : ୯୦ ମିନିଟ୍**

<table>
<tr><th>ଶ୍ରେଣୀ</th><th>ପାଠ</th><th>ଶିକ୍ଷଣ ଫଳାଫଳ</th><th>ଶିକ୍ଷଣ ସାମଗ୍ରୀ</th></tr>
<tr><td>ତୃତୀୟ</td><td>ଯୋଡ଼ ଓ ବେଯୋଡ଼ ସଂଖ୍ୟା ଚିହ୍ନିବା</td><td>ଯୁଗ୍ମ ,ଅଯୁଗ୍ମ ସଂଖ୍ୟା ଗୁଡିକ ଚିହ୍ନଟ କରିବେ ।</td><td>ସଂଖ୍ୟା କାର୍ଡ (୧ ରୁ ୩୦) , ୧ ରୁ ୩୦ ସଂଖ୍ୟା ଲେଖାଥିବା ଚାର୍ଟ,<br>୧   ୧୮<br>
<table>
<tr><th colspan="5">ସଂଖ୍ୟା ଚାର୍ଟ</th></tr>
<tr><td>୧</td><td>୨</td><td>୩</td><td>୪</td><td>୫</td></tr>
<tr><td>୬</td><td>୭</td><td>୮</td><td>୯</td><td>୧୦</td></tr>
<tr><td>୧୧</td><td>୧୨</td><td>୧୩</td><td>୧୪</td><td>୧୫</td></tr>
<tr><td>୧୬</td><td>୧୭</td><td>୧୮</td><td>୧୯</td><td>୨୦</td></tr>
<tr><td>୨୧</td><td>୨୨</td><td>୨୩</td><td>୨୪</td><td>୨୫</td></tr>
<tr><td>୨୬</td><td>୨୭</td><td>୨୮</td><td>୨୯</td><td>୩୦</td></tr>
</table>
ହଳଦିଆ ଘନ /ସ୍କୋୟାର କାଉଣ୍ଟର /ଗୋଡି -୩୦ ଟି /ମାଳି ୩୦ ଟି<br>
 <br>
କାର୍ଯ୍ୟ ଫର୍ଦ୍ଦ ,ରଙ୍ଗ ପେନ୍ ସିଲ , square line କାର୍ଯ୍ୟଫର୍ଦ୍ଦ</td></tr>
</table>

**ସକ୍ରିୟାତ୍ମକ କାର୍ଯ୍ୟ – ୧୦ ମିନିଟ**

- ଶିକ୍ଷାର୍ଥୀମାନେ 'U' ଆକାରରେ ବସିବେ ।
- ଶିକ୍ଷକ ମଝିରେ ରହି ସୂଚନା ଦେବେ – **"ମୁଁ କହିବି ଯେତେ ଏକାଠି ହେବ ସେତେ" ,**
  **ସମାନ ଦୁଇ ଭାଗ ହୋଇବ ।**
  **ଭାଗରେ କେତେ ଜଣ କହିବ ।"**


  ଶିକ୍ଷକ ୪ କହିଲେ ଶିକ୍ଷାର୍ଥୀମାନେ ୪ ଜଣ ଲେଖାଏଁ ଏକାଠି ହେବେ । ପୁଣି ସମାନ ଦୁଇ ଭାଗ ହୋଇ ଭାଗରେ (କେତେଜଣ ହେଲେ) ୨ ଜଣ କହିବେ ।
- ଶିକ୍ଷକ ୫ ବା ୭ କହିଲେ ଶିକ୍ଷାର୍ଥୀମାନେ ସେତିକି ଲେଖାଏଁ ଏକାଠି ହେବେ । ପୁଣି ସମାନ ଦୁଇ ଭାଗ ହୋଇପାରିବେ ନାହିଁ ବୋଲି କହିବେ । ତେଣୁ ଭାଗରେ କେତେଜଣ ହେଲେ କହି ପାରିବେ ନାହିଁ ।
- ଏହିପରି ଶ୍ରେଣୀରେ ଥିବା ଶିକ୍ଷାର୍ଥୀମାନଙ୍କ ସଂଖ୍ୟାକୁ ଦେଖି ଶିକ୍ଷକ ସଂଖ୍ୟା ଗୁଡିକ କହିବେ ,
- ଖେଳଟି ୫ ରୁ ୬ ଥର ପାଇଁ ଚାଲିବ ।
- ଏହାପରେ ଶିକ୍ଷକ ଶିକ୍ଷାର୍ଥୀଙ୍କ ସହିତ ନିମ୍ନ ପ୍ରଶ୍ନ ଆଧାରରେ ଆଲୋଚନା କରିବେ ।

  **ଖୋଲା ଆଲୋଚନା :**

୧) ଖେଳଟି କିପରି ଲାଗିଲା ?
୨) ଏହି ଖେଳରୁ ଆମେ କ'ଣ ଶିଖିଲୁ ?

ସଂକ୍ଷେପଣ: କେତେଗୁଡିଏ ସଂଖ୍ୟା ସମାନ ଦୁଇଭାଗ ହୋଇପାରୁଛି ଓ କେତେଗୁଡିଏ ସଂଖ୍ୟା ସମାନ ଦୁଇ ଭାଗ ହୋଇ ପାରୁନାହିଁ ।

# ମୂର୍ତ୍ତ ପର୍ଯ୍ୟାୟ  (Concrete stage) – ୩୦ ମିନିଟ



## ଶିକ୍ଷଣ କାର୍ଯ୍ୟ -୧

- ଶିକ୍ଷକ ଶିକ୍ଷାର୍ଥୀମାନଙ୍କୁ ଛୋଟ ଛୋଟ ଦଳରେ ଗୋଲାକାରରେ ବସାଇବେ ।
- ପ୍ରତି ଦଳରେ ୪/୫  ଜଣ ଛାତ୍ର ଛାତ୍ରୀ ରହିବେ ।

- ପ୍ରତ୍ୟେକ ଦଳକୁ ହଳଦିଆ ଘନ /ସ୍କୋୟାର କାଉଣ୍ଟର  /ଗୋଡି -୩୦ ଟି /ମାଳି ୩୦ ଟି , ସଂଖ୍ୟା କାର୍ଡ (୧  ରୁ ୩୦), ୧  ରୁ ୩୦ ସଂଖ୍ୟା ଲେଖାଥିବା ଚାର୍ଟ ଦିଆଯିବ ।

ଏହିପରି **ସଂଖ୍ୟାକାର୍ଡ  (୧  ରୁ ୩୦),**  ଓ     ସଂଖ୍ୟାଚାର୍ଟ  ପ୍ରସ୍ତୁତ କରିବେ

୧    ୧୨    ୧୮    ୩    ୩୦

| ସଂଖ୍ୟା ଚାର୍ଟ | | | | |
|---|---|---|---|---|
| ୧ | ୨ | ୩ | ୪ | ୫ |
| ୬ | ୭ | ୮ | ୯ | ୧୦ |
| ୧୧ | ୧୨ | ୧୩ | ୧୪ | ୧୫ |
| ୧୬ | ୧୭ | ୧୮ | ୧୯ | ୨୦ |
| ୨୧ | ୨୨ | ୨୩ | ୨୪ | ୨୫ |
| ୨୬ | ୨୭ | ୨୮ | ୨୯ | ୩୦ |

- ଦଳରେ ଗୋଟିଏ ଶିକ୍ଷାର୍ଥୀ ୧ ଠାରୁ ୩୦ ସଂଖ୍ୟା ଲେଖାଥିବା  ସଂଖ୍ୟାକାର୍ଡକୁ ତାସ ଫେଣ୍ଟିବା ଭଳି କରି ସେଥିରୁ ଗୋଟିଏ କାର୍ଡ ବାହାର କରିବ ।
- ଯେଉଁ ସଂଖ୍ୟା କାର୍ଡଟି ବାହାରିଲା , ସେତିକି ସଂଖ୍ୟକ ହଳଦିଆ ଘନ /ସ୍କୋୟାର କାଉଣ୍ଟର  /ଗୋଡିକୁ  ଦଳର ଅନ୍ୟ ଜଣେ ଶିକ୍ଷାର୍ଥୀ , ଦୁଇଜଣ ଶିକ୍ଷାର୍ଥୀଙ୍କ ମଧ୍ୟରେ ସମାନ ଦୁଇ ଭାଗରେ ବାଣ୍ଟିବ ।
- ଯଦି  ଦିଆଯାଇଥିବା ସାମଗ୍ରୀ  ଗୁଡିକ ସମାନ ଦୁଇ ଭାଗରେ ବାଣ୍ଟି ହୋଇ ପାରିଲା ( କିଛି ସାମଗ୍ରୀ ବଳି ପଡିଲା ନାହିଁ ) ତେବେ ସଂଖ୍ୟା ତାଲିକାରେ ଥିବା ସେହି ସଂଖ୍ୟା ପାର୍ଶ୍ୱରେ ଠିକ ଚିହ୍ନ ଦିଆଯିବ । (ଗୋଟିଏ ସଂଖ୍ୟା କାର୍ଡ ଥରେ ମାତ୍ର ବ୍ୟବହାର ହେବ)  ଏହିପରି ସମସ୍ତ ସଂଖ୍ୟା କାର୍ଡ ବ୍ୟବହାର କରାଯିବ ।
- ଠିକ୍ ମାରିଥିବା ସଂଖ୍ୟାଗୁଡିକୁ ପ୍ରତ୍ୟେକ ଦଳର ଗୋଟିଏ ଲେଖାଏଁ ଶିକ୍ଷାର୍ଥୀ କାଳପଟାରେ ଲେଖିବେ ।
- ଶିକ୍ଷକ ଆଲୋଚନା କରିବେ ଓ ସଂଶୋଧନ କରିବେ ଓ ସିଦ୍ଧାନ୍ତକୁ କଳାପଟାରେ ଲେଖିବା ସହିତ ବଡପାଟିରେ କହିବେ ।

ସଂକ୍ଷେପଣ :  ଯେଉଁ ସଂଖ୍ୟାଗୁଡିକ ସମାନ ଦୁଇଭାଗ ହୋଇପାରେ , ସେଗୁଡିକ ଯୁଗ୍ମ ଓ  ଯେଉଁ ସଂଖ୍ୟାଗୁଡିକ ସମାନ ଦୁଇଭାଗ ହୋଇପାରେ ନାହିଁ  ସେଗୁଡିକ ଅଯୁଗ୍ମ ସଂଖ୍ୟା ।

- ଯେଉଁ ସଂଖ୍ୟାଗୁଡିକ  '  ✓ ' ମରା ହୋଇଛି ତାର ଏକକ ସ୍ଥାନର ସଂଖ୍ୟାଗୁଡିକ ଲେଖ ।

ପ୍ରଶ୍ନ – ତେବେ ଯୁଗ୍ମ ସଂଖ୍ୟା କିପରି ଚିହ୍ନଟ କରିବ ?


**ସଂକ୍ଷେପଣ :** କୋଣସି ସଂଖ୍ୟାର ଏକକ ସ୍ଥାନରେ '୦ ,୨ ,୪ ,୬ ,ବା ୮  ଥିଲେ ସେହି ସଂଖ୍ୟା ଯୁଗ୍ମ ସଂଖ୍ୟା ଅଟେ ।

## ଚିତ୍ରିତ ପର୍ଯ୍ୟାୟ (REPRESENTATION STAGE): ୨୦ ମିନିଟ୍

### ଶିକ୍ଷଣ କାର୍ଯ୍ୟ -2

ଏହି ପର୍ଯ୍ୟାୟରେ ଦଳକୁ ଅଦଳବଦଳ କରି ବସାଇବେ ।

- ପ୍ରତ୍ୟେକ ଦଳକୁ ବର୍ଗାକାର କୋଠରି ବିଶିଷ୍ଟ କାଗଜ ଫର୍ଦ୍ଦ ଓ ରଙ୍ଗ ପେନସିଲ ଦେବେ ,।
- ଶିକ୍ଷକ ପ୍ରଥମେ ନିମ୍ନରେ ଦିଆଯାଇଥିବା ଉଦାହରଣ ଦେଇ କଳାପଟା ବା ବର୍ଗାକାର କୋଠରି ବିଶିଷ୍ଟ କାଗଜ ଫର୍ଦ୍ଦରେ କରି ଦେଖାଇବେ ।
- ବର୍ଗାକାର କାଗଜରେ ଲେଖାଥିବା ସଂଖ୍ୟା ଅନୁସାରେ ସେତିକି ସଂଖ୍ୟକ କୋଠରିଗୁଡିକୁ ରଙ୍ଗ କରିବେ ଓ ଦୁଇ ଦୁଇଟି ରଙ୍ଗୀନ କୋଠରିକୁ ମୁଣ୍ଡଳି ବୁଲାଇବେ।
- ଯଦି କୋଠରିଗୁଡିକ ଯୋଡି ଯୋଡି ହୋଇ ରହିଗଲେ ( କୌଣସି ରଙ୍ଗୀନ କୋଠରି ବଳକା ରହିଲା ନାହିଁ ) ତେବେ ସଂଖ୍ୟାଟିରେ ଠିକ୍ ଚିହ୍ନ ଦେବେ ।
- ଠିକ୍ ମାରିଥିବା ସଂଖ୍ୟାଗୁଡିକୁ ପ୍ରତ୍ୟେକ ଦଳର ଗୋଟିଏ ଲେଖାଏଁ ଶିକ୍ଷାର୍ଥୀ କାଳପଟାରେ ଲେଖିବେ ଓ କାର୍ଯ୍ୟଟି କିପରି କଲେ କହିବେ ।




## ଅମୂର୍ତ୍ତ ପର୍ଯ୍ୟାୟ (ABSTRACT STAGE): ୧୦ ମିନିଟ୍

### ଶିକ୍ଷଣ କାର୍ଯ୍ୟ -3

- ପ୍ରତ୍ୟେକ ଦଳକୁ କାର୍ଯ୍ୟଫର୍ଦ୍ଦ ଦିଆଯିବ ।

**କାର୍ଯ୍ୟଫର୍ଦ୍ଦ**

**ପ୍ରଶ୍ନ -୧) ଯୁଗ୍ମ ସଂଖ୍ୟା ଚାରିପଟେ ଗୋଲ ବୁଲାଅ ଓ ଅଯୁଗ୍ମ ସଂଖ୍ୟାରେ X ଚିହ୍ନ ଦିଅ ।**

୨୨ , ୬୫ , ୧୧୩ , ୧୮୦ , ୨୦୬ , ୩୩୪ , ୭୮୭ , ୪୪୮ , ୫୦୧ , ୯୮୦

**୨) ପାର୍ଶ୍ୱସ୍ଥ ସଂଖ୍ୟା ଗ୍ରୀଡରୁ ତିନୋଟି ଲେଖାଏଁ ଅଙ୍କ ବ୍ୟବହାର କରି ୧୦ ଟି ଯୁଗ୍ମ ସଂଖ୍ୟା ଲେଖ ।**

| | | |
|---|---|---|
| ୧ | ୨ | ୯ |
| ୪ | ୦ | ୫ |
| ୩ | ୬ | ୮ |

- ଦଳରେ ଆଲୋଚନା କରି ପ୍ରଶ୍ନର ଉତ୍ତର ଲେଖିବେ ।
- ପ୍ରତ୍ୟେକ ଦଳ ଉପସ୍ଥାପନ କରିବେ ।
- ଶିକ୍ଷକ ଆବଶ୍ୟକ ସ୍ଥଳେ ସଂଶୋଧନ କରିବେ ।

**ଅଭ୍ୟାସ କାର୍ଯ୍ୟ ,ସଂଶୋଧନ ଓ ସଂକ୍ଷେପଣ -(୨୦ ମିନିଟ୍ )**

**ଶିକ୍ଷଣ କାର୍ଯ୍ୟ -୪**

- ପାଠ୍ୟପୁସ୍ତକର ଅଭ୍ୟାସକାର୍ଯ୍ୟ ପୃଷ୍ଠା- ୩୮ ଓ କାର୍ଯ୍ୟପୁସ୍ତିକାରେ ଥିବା ଜୁଲାଇ ମାସ ପ୍ରଥମ ସପ୍ତାହର କାର୍ଯ୍ୟଫର୍ଦ୍ଦ ପୃଷ୍ଠା- ୫୦ ପ୍ରତ୍ୟେକ ଶିକ୍ଷାର୍ଥୀ କରିବେ ।

- ଶିକ୍ଷାର୍ଥୀମାନେ ନିଜ ନିଜ ମଧ୍ୟରେ ଖାତା ଅଦଳ ବଦଳ କରି ଶିକ୍ଷକଙ୍କ ସହାୟତାରେ ସଂଶୋଧନ କରିବେ । ସମସ୍ତ ଶିକ୍ଷଣ କାର୍ଯ୍ୟ ଶେଷରେ ଶିକ୍ଷକ ବ୍ୟକ୍ତିଗତ ପ୍ରତିପୁଷ୍ଟି ଦେବେ।

ଆଜି ଆମେ କଣ ଶିଖିଲେ --

- **ସମାନ ଦୁଇ ଭାଗରେ ବିଭକ୍ତ ହୋଇ ପାରୁଥିବା / 2 ଦ୍ୱାରା ବିଭାଜ୍ୟ -ସଂଖ୍ୟାଗୁଡିକ ଯୁଗ୍ମ ସଂଖ୍ୟା ଅଟେ ।**
- **ସମାନ ଦୁଇ ଭାଗରେ ବିଭକ୍ତ ହୋଇ ପାରୁନଥିବା / 2 ଦ୍ୱାରା ଅବିଭାଜ୍ୟ - ସଂଖ୍ୟାଗୁଡିକ ଅଯୁଗ୍ମ ସଂଖ୍ୟା ଅଟେ ।**